**ଜଗନ୍ନାଥ ମନ୍ଦିରରୁ କାଟିନେଲେ ଚନ୍ଦନ ଗଛ**

ଅନୁଗୋଳ,(ଜ୍ୟୋତିରଞ୍ଜନ ସାହୁ): ଅନୁଗୋଳ ସହର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରୁ ମଙ୍ଗଳବାର ଗୋଟିଏ ଓ ମଦନମୋହନ ମନ୍ଦିରରୁ ୨ଟି ଚନ୍ଦନ ଗଛ ଚୋରି ହୋଇଛି। ସେହିପରି ଆରସିସିଏଫ୍‌ଙ୍କ ସରକାରୀ କ୍ୱାର୍ଟର୍ସରୁ ୩ଟି ଗଛ ଚୋରି ହୋଇଛି। ଏ ନେଇ ନେଇ ବନାଞ୍ଚଳ ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଟାଉନ ଥାନା ପୋଲିସ ତଦନ୍ତ କରୁଛି।

# ୨୨ତମ ଲୋକ ମହୋତ୍ସବ ଉଦ୍‌ଯାପିତ



ଲୋକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।



ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ତାଳଚେର,୮।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ମା' ହିଙ୍ଗୁଳାଙ୍କ ଯାତ୍ରା ଅବସରରେ ୯ ଦିନ ଧରି ଅନୁଷ୍ଠିତ ୨୨ତମ ଲୋକ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମା' ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲାପାଳ ଆଶିଷ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ତାଳଚେର ରାଜା ବିଜେୟେନ୍ଦ୍ର ଚନ୍ଦ୍ର ଦେବ ମଞ୍ଚାସୀନ ଥିଲେ। ତାଳଚେର ମାଟି ଏକ ଐତିହ୍ୟ ମାଟି। ମା' ହିଙ୍ଗୁଳାଙ୍କ ଭବ୍ୟ ଓ ଦିବ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଶେଷ କରାଯିବା ସହ ସୌନ୍ଦର୍ଯ୍ୟକରଣ କରାଯିବା ଉପରେ ଅତିଥିମାନେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମା' ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ସଞ୍ଜୟ ସାହୁ, ଅରୁଣ କୁମାର ପ୍ରଧାନ, ମୁରଲୀଧର ସାହୁ, ସନ୍ତୋଷ ପ୍ରଧାନ, ଗଗନ ବିହାରୀ ସାହୁ, ପ୍ରତାପ ସାମଲ, ରାଜେନ୍ଦ୍ର ସିଂହଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କାଳବୈଶାଖୀ: ଘର ଉପରେ ପଡ଼ିଲା ଗଛ

ବନ୍ତଳା,୮।୪(ସୁଶିତ ସାହୁ)

ଅନୁଗୋଳ ବ୍ଲକ ବାଲୁଅକଟା ପଞ୍ଚାୟତ ଶାବଳଭଙ୍ଗା ଗାଁରେ କାଳବୈଶାଖୀ ପ୍ରଭାବରେ ଏକ ବିରାଟ ନିମ୍ବଗଛ ଉପୁଡ଼ି ଘର ଉପରେ ପଡ଼ିଯିବାରୁ ୨ ବଖରା ଭାଙ୍ଗିଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ହଠାତ୍ ଘଡ଼ଘଡ଼ି ସହ ବର୍ଷା ପବନ ହୋଇଥିଲା । ଏଥିରେ ଏକ ବିରାଟ ନିମ୍ବ ଗଛ ଉପୁଡ଼ି ଶାବଳଭଙ୍ଗା ହରିଜନ ସାହିର ସୁବାସ ଗୋଛାୟତଙ୍କ ଘର ଉପରେ ପଡ଼ିଯାଇଥିଲା। ଖବରପାଇ ବନ୍ତଳା ଓ ଅନୁଗୋଳ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉପୁଡ଼ିଥିବା ଗଛକୁ କାଟିସଫା କରିଥିଲେ। ଘଟଣାରେ ସୁବାସଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଖବରପାଇ କୁମୁରିସିଂହା ରାଜସ୍ୱ ନିରୀକ୍ଷକ ପ୍ରତିମା ନାୟକ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ କ୍ଷତିଗ୍ରସ୍ତ ପରିବାରଙ୍କୁ ଜରିପାଲ ଯୋଗାଇ ଦେଇଥିଲେ। ଏହି ଘଟଣାରେ ସୁବାସଙ୍କ ପରିବାରବର୍ଗ ସୁରକ୍ଷିତ ଥିବା ରାଜସ୍ୱ ନିରୀକ୍ଷକ ନାୟକ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନାରୀ ସଶକ୍ତୀକରଣ ଆବଶ୍ୟକତା ଉପରେ ଆଲୋକପାତ




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ବଣ୍ଡରପାଳ,୮।୪(ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଡରପାଳ ବ୍ଲକ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦ୍ଦେବ ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ନାରୀ ସଶକ୍ତୀକରଣ' ଉପରେ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଦ୍ମ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟା ଅଧ୍ୟାପିକା କ୍ଷୀରୋଦିନୀ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଚିନ୍ମୟ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବନ୍ତଳା ଡିଗ୍ରୀ କଲେଜର ରସାୟନ ବିଜ୍ଞାନ ଅଧ୍ୟାପକ ବିବେକାନନ୍ଦ ପଟ୍ଟନାୟକ ଓ ଇତିହାସ ବିଭାଗର ଅଧ୍ୟାପକ ପାର୍ଥବୀର ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ପ୍ରଧାନ ନାରୀ ସଶକ୍ତୀକରଣର ଆବଶ୍ୟକତା ଓ ସମାଜରେ ତାହାର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ରୋଜାଲିନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ରୁଦ୍ର ନାରାୟଣ ଖିଲାର ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସାଂସ୍କୃତିକ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ବେହେରା ପରିଚାଳନା କରିଥିଲେ।

## ଗରମ ଡାଲି ପଡ଼ି ୨ ରୋଷେୟା ଆହତ

**ମଧ୍ୟାହ୍ନଭୋଜନ ରୋଷେଇ ବେଳେ ଅଘଟଣ**

ପରଜଙ୍ଗ, ୮।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସି ହାଇସ୍କୁଲରେ ବୁଧବାର ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରୋଷେଇ ନିମନ୍ତେ ଗ୍ୟାସ ବଦଳରେ କାଠ ଚୁଲାରେ ପ୍ରେସର୍ କୁକର ସାହାଯ୍ୟରେ ଡାଲି ରନ୍ଧା ହେଉଥିଲା। ପ୍ରେସର୍‌ରୁ ଗ୍ୟାସ କାଢ଼ିବା ବେଳେ ହୁଇସିଲ ବାହାରି ଯାଇ ଗରମ ଡାଲି ଛିଟିକି ପଡ଼ିବାରୁ ରୋଷେୟା ସଞ୍ଜୁ ସାହୁ (୪୭) ଏବଂ ସହକାରୀ ରୋଷେୟା ସୂଟୀ ସାହୁ (୩୫) ଆହତ ହୋଇଛନ୍ତି। ଉଭୟଙ୍କୁ କୁମୁସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ପ୍ରଧାନ ଶିକ୍ଷକଙ୍କ ନାମରେ ଗ୍ୟାସ ସଂଯୋଗ ରହିଥିବା ବେଳେ ସେହି ଗ୍ୟାସକୁ ପ୍ରଧାନ ଶିକ୍ଷକ ସ୍କୁଲରେ ବ୍ୟବହାର ନ କରି ନିଜ କାମରେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ସହକାରୀ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଛନ୍ତି। ଗ୍ୟାସ ବଦଳରେ ଯଦି କାଠଚୁଲାରେ ରୋଷେଇ ହେଉଥିବ ତେବେ ତାହାର ତଦନ୍ତ କରାଯିବ । ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ କହିଛନ୍ତି ତଦନ୍ତ କରାଯିବା ପରେ ସତ୍ୟାସତ୍ୟ ଜଣାପଡ଼ିବ। ତେବ ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି ।

## ବର୍ଷାପାଣି ଘରେ ପଶିବାକୁ ନେଇ ଗଣ୍ଡଗୋଳ

ବନ୍ତଳା,୮।୪(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ଥାନା ଅରାଡିହ ଗ୍ରାମରେ ବର୍ଷାପାଣି ଘରେ ପଶିଯିବାକୁ ନେଇ ମଙ୍ଗଳବାର ୨ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିବା ଥାନାରେ ଅଭିଯୋଗ ହୋଇଛି। ଦିଲୀପ କୁମାର ସାହୁ(୩୮)ଙ୍କ ଅଭିଯୋଗ ଅନୁଯାୟୀ ଗାଁର ରଞ୍ଜନ ନାୟକ, ମାଧବ ନାୟକ ଓ ତାଙ୍କ ବାପା ପ୍ରସନ୍ନ ନାଏକ ମାରଣାସ୍ତ୍ର ଧରି ତାଙ୍କ ଘରକୁ ପଶିଆସ ଗାଳିଗୁଲଜ କରିବା ସହ ଗୁଳି ଫୁଟାଇ ଧମକ ଦେଇଥିଲେ। ଅପରପକ୍ଷେ ରଞ୍ଜନ ମଧ୍ୟ ଏକ ପାଲଟା ଅଭିଯୋଗ କରିଛନ୍ତି। ଦିଲୀପ ଡ୍ରେନ୍‌କୁ ବନ୍ଦ କରି ଘର ଭିତରକୁ ବର୍ଷା ପାଣି ଭର୍ତ୍ତିକରି ଦେଇଥିଲେ। ଏଥିସହ ବେକରୁ ସୁନା ଚେନ ଓ ୫ ହଜାର ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗ କରିଥିଲେ। ପୋଲିସ ନଂ.୧୪୬/୨୬ ଓ ୧୪୭/୨୬ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବନ୍ତଳା ଥାନା ସୂତ୍ରରୁ ଜଣାପଡ଼ିଛି।

# ଟ୍ରାଫିକ ସମସ୍ୟା ସମାଧାନ ପାଇଁ ବୈଠକ



ପାଲଲହଡ଼ା,୮।୪(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ବୁଧବାର ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଜାର କମିଟି, ବସ୍‌ଷ୍ଟାଣ୍ଡ କମିଟି, ଘରୋଇ ବସ୍ କମିଟି, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର କର୍ମକର୍ତ୍ତା ଓ ସରପଞ୍ଚ ଶଶୀଭୂଷଣ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ରାସ୍ତାଉପରକୁ ଦୋକାନ ଘର ବଢ଼ିଯିବା ଯୋଗୁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ରୋକିବା ପାଇଁ ପ୍ରଥମେ ୭ ଦିନ ମାଇକ୍ ଦ୍ୱାରା ଜନସଚେତନତା କାର୍ଯ୍ୟକ୍ରମ କରାଯିବ। ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ସଚେତନତା ଅଭିଯାନର ନେତୃତ୍ୱ ତହସିଲଦାର ଆକାଂକ୍ଷା ମହାପାତ୍ର, ଆଇଆଇସି ପ୍ରଦୀପ କୁମାର ମହାନ୍ତ, କଳାକାର ଲିଙ୍ଗରାଜ ଦାଶ ଓ ନାଗରିକ ମଞ୍ଚ ସଭାପତି ଡ. ସନ୍ତୋଷ କୁମାର ଦେହୁରୀ ନେବେ। ବରିଷ୍ଠ ନାଗରିକ ଏବଂ ବିଭିନ୍ନ କମିଟି ପ୍ରତିନିଧିଙ୍କ ସହ ଏକ ଫ୍ଲାଗମାର୍ଚ୍ଚ କରାଯାଇ ଶାନ୍ତିରକ୍ଷା ପାଇଁ ପଦକ୍ଷେପ ନିଆଯିବ।

## ତପୋବନ ପୀଠ ପ୍ରବେଶ ତୋରଣ ନିର୍ମାଣ ପାଇଁ ଆବେଦନ

ଢେଙ୍କାନାଳ,୮।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ନାଗିଆପଶି ଗ୍ରାମପଞ୍ଚାୟତ କାଦୁଆ ନିକଟସ୍ଥ ମହିମା ତପୋବନ ପୀଠର ପ୍ରବେଶ ତୋରଣ ନିର୍ମାଣ ପାଇଁ ସଦର ବ୍ଲକ ବିଡିଓଙ୍କୁ ଆବେଦନପତ୍ର ପ୍ରଦାନ କରାଯାଇଛି । ଏଥିପୂର୍ବରୁ ପୂର୍ବତନ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ପ୍ରବେଶ ତୋରଣ ନିର୍ମାଣ ହୋଇ ନ ଥିବାରୁ ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ଏ ସଂକ୍ରାନ୍ତରେ ଜିଲାପାଳ ଆଶିଷ ଇଶ୍ୱର ପାଟିଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲାପାଳଙ୍କ ପରାମର୍ଶ ଅନୁଯାୟୀ ବିକଶିତ ଗ୍ରାମ, ବିକଶିତ ଓଡିଶା ଯୋଜନା ମାଧ୍ୟମରେ ତୋରଣ ନିର୍ମାଣ ନିମନ୍ତେ ସଦର ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟରେ ମହିମା ଜ୍ୟୋତିଯାତ୍ରା ସଂଯୋଜକ ରଥ ଆବେଦନ କରିଥିଲେ । ଏହାର ନକଲ ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି।

## ଓପିଏସ୍ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ପାଠଚକ୍ର

ଓଡ଼ାପଡ଼ା, ୮।୪ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲାର ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ 'ସାମ୍ପ୍ରତିକ ସମୟରେ ରେଡ଼ିଓ ଆଇସୋଟୋପର ବ୍ୟବହାର' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗମୁଖ୍ୟ ଅଧ୍ୟାପକ ନୀଳକଣ୍ଠ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ସାମ୍ପ୍ରତିକ ସମୟରେ ରେଡିଓ ଆଇସୋଟୋପର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ହିନ୍ଦୋଳ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଜୟନ୍ତ କୁମାର ପତି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଚିକିତ୍ସା କ୍ଷେତ୍ରରେ ରେଡିଓ ଆଇସୋଟୋପର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୁରାତନ କୀର୍ତ୍ତିରାଜିର ଗବେଷଣା କ୍ଷେତ୍ରରେ ଏହାର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ଡ. ରାଜକିଶୋର ସାମଲ ଶିଳ୍ପ କ୍ଷେତ୍ରରେ ଏହାର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ର ଦିବ୍ୟରଞ୍ଜନ ନାୟକ, ନରେନ୍ଦ୍ର ବେହେରା ଓ ଛାତ୍ରୀ ସଲୋନୀ କରଣ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପିକା ସ୍ୱାତୀସ୍ନିଗ୍ଧା ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଛାତ୍ର ବିକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମହୁଲପଡ଼ାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଢେଙ୍କାନାଳ,୮।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ମହୁଲପଡ଼ାରେ ଶିକ୍ଷାବିତ ଗଦାଧର ମିଶ୍ର ସ୍ମୃତି ସଂସଦ ପକ୍ଷରୁ ବିଶ୍ୱ କୁନ୍ତଳ ଶିଶୁ ଗୃହର ଅନ୍ତେବାସୀ ଓ ସ୍ଥାନୀୟ ଜୁଆଙ୍ଗ ସମ୍ପ୍ରଦାୟର ଲୋକମାନଙ୍କ ସହ ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଓ ବରା ଦିବସ ପାଳିତ ହୋଇଯାଇଛି । ଦଧିଚି ସଂଗଠିକା ଶୈଳବାଳା ମିଶ୍ରଙ୍କ ଉପସ୍ଥିତିରେ ଡିଏସ୍‌ପି ସୁଷମା ପ୍ରଧାନ, ଶିକ୍ଷକ ଅରୁଣ କୁମାର ପ୍ରଧାନ, ଅନୁସୟା ପ୍ରଧାନ, ସମିତି ସଭ୍ୟା ଅଞ୍ଜନା ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶିଶୁ ଗୃହର ଅଧୀକ୍ଷକ ଗାୟିତ୍ରୀ ମହନ୍ତ, ସମ୍ପାଦିକା ପୁଷ୍ପାଞ୍ଜଳି ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ ଡ. ଦେବୀ ପ୍ରସାଦ ମିଶ୍ର ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଲାବରୁ ଲାଣ୍ଡ ଆମର ଧ୍ୟେୟହେଉ: ସମରେନ୍ଦ୍ର




**ପରୀକ୍ଷଣ ପ୍ରଶିକ୍ଷଣ ଶିବିର**

କାମାକ୍ଷାନଗର,୮।୪ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୈଜ୍ଞାନିକ ପରୀକ୍ଷଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଏପିଟି ଅନ୍ୱେଷିକାର ପ୍ରାନ୍ତ ସଂଯୋଜିକା ଡ. ରାଜଶ୍ରୀ ମହାପାତ୍ର ବିଶେଷଜ୍ଞ ଅତିଥି ଭାବେ ଯୋଗଦେଇ ପ୍ରାୟ ୫୦ଟି ଅଭିନ୍ନ ବୈଜ୍ଞାନିକ ପରୀକ୍ଷଣ ପ୍ରଦର୍ଶନ କରିଥିଲେ। ଆଲୋକ, ଚୁମ୍ବକ, ଗତି, ବିଦ୍ୟୁତ ଓ ବୈଦ୍ୟୁତିକ ପରିପଥ, ତାପଗତି ପ୍ରଭୃତି କ୍ଷେତ୍ରରେ ପଦାର୍ଥର ମୌଳିକ ଗୁଣାବଳି ପରୀକ୍ଷଣ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ କାମାକ୍ଷାନଗର ତହସିଲଦାର ଡା. ଶୁଭଙ୍କର ମହାନ୍ତି ପଦାର୍ଥ ବିଜ୍ଞାନରେ ଦକ୍ଷ ହେଲେ ଜଣେ କିପରି କୃଷି ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ରସାୟନ ବିଜ୍ଞାନ, ଚିକିତ୍ସା ବିଜ୍ଞାନର ଅନେକ ଗହନ ତତ୍ତ୍ୱ ବୁଝିପାରିବ ଓ ଜଣେ ଭଲ ବୈଜ୍ଞାନିକ ହୋଇପାରିବେ ତାହା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ରୁର ବିଶ୍ୱାଳ ସଭ୍ୟ ସମାଜରେ ବିଜ୍ଞାନ ମାନସିକତାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ (ଓଏସ୍‌ଡି) ସମରେନ୍ଦ୍ର ଭୁତିଆ ଗବେଷଣାକୁ ଲୋକାଭିମୁଖୀ କରିବା ପାଇଁ ପ୍ରଚେଷ୍ଟା ଉପରେ ଗୁରୁତ୍ୱାରୋପ କରିଥିଲେ। ଲାବ୍‌ରୁ ଲାଣ୍ଡ ଆମର ଧ୍ୟେୟ ହେଉ ବୋଲି ମତପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭଶ୍ରୀ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଦ୍ୟାଳୟରେ ଗବେଷଣାଗାରର ଗୁରୁତ୍ୱ ଓ ବିଜ୍ଞାନର ଗହନ ତତ୍ତ୍ୱ ବୁଝିବାରେ ପରୀକ୍ଷଣର ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ବିନୟ କୁମାର ପରିଡା, ବିଦ୍ୟାଳୟ ପୂର୍ବଛାତ୍ର ସଂଘର ସଭାପତି ସୁଶାନ୍ତ କୁମାର ପଟନାୟକ, ସିଆରସିସି ରାକେଶ କୁମାର ସାହୁ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷକ ଧନଞ୍ଜୟ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁଜାତା ଶାସମଲ, ଯୁଗଳ କିଶୋର ଦାସ ପ୍ରମୁଖ ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିଥିଲେ।

No. 10001/24/2627

ଓଡ଼ିଶା ଶାସନ

**ଅଂଶୁଘାତ ସତର୍କତା**

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

OIPR-10001/10003/2/26-27/0002

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

# ଶୀତୁଳା ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ


ଉଭାସ୍ଥଳୀରେ ମା' ହିଙ୍ଗୁଳାଙ୍କ ଶୀତୁଳା ଯାତ୍ରା ଅନୁଷ୍ଠିତ ହେଉଛି।

■ସମାପନ ହେଲା ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା
■ଚଳିତବର୍ଷର ଅନ୍ୟତମ ଆକର୍ଷଣ ଥିଲା ପାଟବରୀ ଉତ୍ସବ

ତାଳଚେର,୮।୪(ମନୋଜ ନନ୍ଦ)

ଅନୁଗୋଳ ଜିଲ୍ଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ନବଦିନାତ୍ମକ ଯାତ୍ରା ବୁଧବାର ଶୀତୁଳା ପର୍ବ ସହ ଶେଷ ହୋଇଛି। ଦିନଭରି ପ୍ରଚଣ୍ଡ ଖରା ଓ ଗରମ ସତ୍ତ୍ୱେ ମା' ହିଙ୍ଗୁଳାଙ୍କ ଏହି ଅନନ୍ୟ ଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ମା' ହିଙ୍ଗୁଳା ଓ କୁଟେଇଶୁଣୀଙ୍କ ଚଳନ୍ତି ପ୍ରତିମା ଆଲମଦ୍ୱୟକୁ ଦିଅଁଘରୁ ବଡ଼ମଣ୍ଡପ (ମୁଖ୍ୟ ମନ୍ଦିର)କୁ ଅଣାଯାଇଥିଲା। ମୁଖ୍ୟ ଦେହୁରୀ କିଶୋର ଚନ୍ଦ୍ର ଦେହୁରୀ ଷୋଡ଼ଶ ଉପଚାର ବିଧିରେ ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରିଥିଲେ। ପୀଠ ପରିସରରେ ଥିବା ପଞ୍ଚପୀଠ ଯଥା ମା' ହିଙ୍ଗୁଳା, ମା' କରଡ଼େଇ, କୁଟେଇଶୁଣୀ, ଖୁମ୍ବେଶ୍ୱରୀ ଓ କଳାପାଟଙ୍କ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ କରାଯାଇଥିଲା। ସନ୍ଧ୍ୟାରେ ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ଉଭାସ୍ଥଳୀକୁ ଭବ୍ୟ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ଅଗ୍ନିରୂପାଙ୍କ ପଞ୍ଚୋପଚାର ପୂଜା କରାଯିବା ସହ ଉଖୁଡ଼ା, ଛିଟ, ଗୁଡ଼, କ୍ଷୀର, ଘିଅ, ମହୁ ଆଦି ନୈବେଦ୍ୟ ଅର୍ପଣ କରାଯାଇ ମା' ଅଗ୍ନିରୂପାଙ୍କୁ ଶୀତଳ କରାଯାଇଥିଲା। ତାଳଚେର ରାଜା ସପରିବାର ଉପସ୍ଥିତ ରହି ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରିବା ସହ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଏହାପରେ ଉଭାସ୍ଥଳୀରେ ଥିବା ଚାନ୍ଦୁଆ ଲାଗି କରାଯାଇଥିଲା। ଶେଷରେ ବଡ଼ମଣ୍ଡପକୁ ମା' ହିଙ୍ଗୁଳାଙ୍କ ଆଲାମକୁ ବିଜେ କରାଯାଇ ଅଧରପଣା ନୀତି ସମ୍ପନ୍ନ କରାଯାଇଥିଲା।

ଚଳିତବର୍ଷ ମା' ହିଙ୍ଗୁଳାଙ୍କ ଏହି ପ୍ରସିଦ୍ଧ ଯାତ୍ରାର ଅନ୍ୟତମ ଆକର୍ଷଣ ଥିଲା ନବକଳେବର ବା ପାଟବରୀ ଉତ୍ସବ। ଜଣେ ରାଜାଙ୍କ ଜୀବନକାଳ ମଧ୍ୟରେ ଏହି ପୂଜା କେବଳ ଥରଟିଏ ହିଁ ହୋଇଥାଏ। ଚଳିତବର୍ଷ ପୂର୍ବରୁ ଅର୍ଥାତ୍ ୧୯୯୭ ମସିହାରେ ମା' ହିଙ୍ଗୁଳାଙ୍କ ନବକଳେବର ଅନୁଷ୍ଠିତ ହୋଇଥିଲା। ରାଜା ସୌଭାଗ୍ୟ ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ ୧୯୯୭ରେ ଦେହାନ୍ତ ହେବାପରେ ୨୧ ଏପ୍ରିଲ ୧୯୯୭ରେ ତତ୍କାଳୀନ ନୂତନ ରାଜା ରାଜେନ୍ଦ୍ର ଚନ୍ଦ୍ରଦେବ ବୀରବର ହରିଚନ୍ଦନଙ୍କ ଦ୍ୱାରା ମା' ହିଙ୍ଗୁଳାଙ୍କ ନବକଳେବର କରାଯାଇଥିଲା। ତେବେ ୨୦୨୫ ଏପ୍ରିଲ ୨୧ରେ ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ (୭୪)ଙ୍କ ଦେହାନ୍ତ ହୋଇଥିବାରୁ ପରମ୍ପରା ଅନୁଯାୟୀ ଚଳିତବର୍ଷ ମାର୍ଚ୍ଚ ୩୧ ତାରିଖରେ ମା' ହିଙ୍ଗୁଳାଙ୍କ ନବକଳେବର ବା ପାଟବରୀ ପୂଜା କରାଯାଇଥିଲା। ମା'ଙ୍କ ରୁପା ମୁକୁଟରେ ଲାଗି ହୋଇଥିବା ୧୯୯୭ର ପୁରୁଣା ପାଟକୁ ଚଳିତବର୍ଷ ଖୋଲାଯାଇଥିଲା। ଏହାପରେ ୨୭ ତମ ରାଜା ଭାବେ ଅଭିଷିକ୍ତ ହୋଇଥିବା ସ୍ୱର୍ଗତ ରାଜାଙ୍କ ବଡ଼ପୁଅ ବିଜେୟେନ୍ଦ୍ର ଚନ୍ଦ୍ର ଦେବଙ୍କ ଦ୍ୱାରା ମା'ଙ୍କ ରୁପା ମୁକୁଟରେ ନୂଆ ପାଟ ପରିଧାନ କରାଯାଇ ନବକଳେବର ବା ପାଟବରୀ ଉତ୍ସବ ସମ୍ପନ୍ନ କରାଯାଇଥିଲା।

# ଜରାଜୀର୍ଣ୍ଣ ଅବସ୍ଥାରେ ଗ୍ରାମୀଣ ପାର୍କ, ପୁନରୁଦ୍ଧାର ଦାବି

ଛେଣ୍ଡିପଦା,୮।୪(ଅଜିତ ଧଳ)

ଜନସାଧାରଣଙ୍କ ଚିତ୍ତ ବିନୋଦନ ପାଇଁ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହୋଇଥିଲା ଗ୍ରାମୀଣ ପାର୍କ। ଏଥିପାଇଁ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା ପ୍ରଶାସନ। ହେଲେ ପ୍ରଶାସନିକ ଅବହେଳା ଏବଂ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ପାର୍କଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଆସିଛି।

ସୂଚନା ଅନୁଯାୟୀ, ପୂର୍ବ ସରକାର ସମୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସହ ଅନ୍ୟ ଯୋଜନାରୁ ପ୍ରାୟ ୨୦ ରୁ ୪୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରତି ପଞ୍ଚାୟତରେ ଗ୍ରାମୀଣ ପାର୍କ ନିର୍ମାଣ କରାଯାଇଥିଲା। ବ୍ଲକର ମାଛକୁଟା ଓ କୋରଡ଼ା ପଞ୍ଚାୟତରେ ପାର୍କ କରାଯାଇ ନ ଥିବାବେଳେ କଣଲୋଇ, ପରା, ନତଡ଼ା ପଞ୍ଚାୟତକୁ ଛାଡ଼ିଦେଲେ ଅନ୍ୟ ୨୯ଟି ପଞ୍ଚାୟତରେ ନିର୍ମିତ ହୋଇଥିବା ପାର୍କ ଏବେ ଶ୍ରୀହୀନ ହୋଇଯାଇଛି। କେଉଁଠି ଜଙ୍ଗଲିଆ ପରିବେଶ ସୃଷ୍ଟି ହୋଇଛିତ ଆଉ କେଉଁଠି ବ୍ୟାୟାମ ପାଇଁ ରଖାଯାଇଥିବା ଉପକରଣରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଛି। ଅନେକ ପାର୍କରେ ଅଧାକାମ ହୋଇଥିବାବେଳେ ଆଉ କେତେକ ସ୍ଥାନରେ ନିର୍ମାଣ ସାମଗ୍ରୀ ଭାଙ୍ଗିରୁଜି ପଡ଼ିଛି। ଏ ସମ୍ପର୍କରେ ବାଲିପଟା ଗାଁର କୃଷ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି, ଏଠାରେ ନିର୍ମାଣ ହୋଇଥିବା ପାର୍କ ଏବେ ଲଟାବୁଦାରେ ପୂର୍ଣ୍ଣ ହୋଇଯାଇଛି। ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯିବା ଜରୁରୀ ହୋଇପଡ଼ିଛି। କୋଶଳା ଗ୍ରାମର ସନ୍ତୋଷ ଦେହୁରୀ କହିଛନ୍ତି, ପ୍ରଥମେ ପାର୍କକୁ ନେଇ ଗ୍ରାମବାସୀ ଉତ୍ସାହିତ ଥିଲେ। କିନ୍ତୁ ରକ୍ଷଣାବେକ୍ଷଣା କରାଯାଉ ନ ଥିବାରୁ ଏହା ଶ୍ରୀହୀନ ହୋଇପଡ଼ିଛି। ତେଣୁଲୋଇ କୋଡ଼ାସାହି ସରପଞ୍ଚ ପ୍ରିୟଙ୍କା ସାହୁ କହିଛନ୍ତି, ପାର୍କ ନିର୍ମାଣବେଳେ ପ୍ରଶାସନ ପକ୍ଷରୁ ରକ୍ଷଣାବେକ୍ଷଣ ପାଇଁ କୌଣସି ଯୋଜନା କରାଯାଇ ନ ଥିଲା। ଫଳରେ ପାର୍କଗୁଡ଼ିକର ଏପରି ଅବସ୍ଥା ହୋଇଛି। ଏ ନେଇ ଛେଣ୍ଡିପଦା ବିଡିଓ ଅରବିନ୍ଦ ବେହେରା କହିଛନ୍ତି, ପୁନରୁଦ୍ଧାର କାର୍ଯ୍ୟ ପାଇଁ ସରକାରଙ୍କ କୌଣସି ଅନୁଦାନ ନ ଥିବାବେଳେ ପଞ୍ଚାୟତ ପ୍ରତିନିଧିଙ୍କୁ ପଞ୍ଚାୟତ ଅର୍ଥରୁ ଏହା କରିବା ପାଇଁ କୁହାଯାଇଛି। ସେମାନଙ୍କ ସହ ଅଧିକ ଆଲୋଚନା କରି ପାର୍କଗୁଡ଼ିକର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯିବ।


ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏକ ଗ୍ରାମୀଣ ପାର୍କ।

# ଲିଙ୍ଗଗତ ସମାନତା ବିନା ସମାଜର ବିକାଶ ଅସମ୍ଭବ


ଆଲୋଚନାଚକ୍ର ଅବସରରେ ମଞ୍ଚାସୀନ ଅତିଥିମାନେ।

ବନ୍ତଲା,୮।୪(ସୁଶିତ ସାହୁ)

ଅନୁଗୋଳ ଜିଲ୍ଲା ବନ୍ତଲା ଡିଗ୍ରୀ ଉଚ୍ଚତର ମହାବିଦ୍ୟାଳୟ ପରିସରରେ ସୋମବାର ରାଜନୀତି ବିଜ୍ଞାନର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପଦ୍ମଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭାଗୀୟ ମୁଖ୍ୟ ଅନୀଲ କୁମାର ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ମହାବିଦ୍ୟାଳୟ ତଳମୂଳର ପୂର୍ବତନ ରାଜନୀତି ବିଜ୍ଞାନ ଅଧ୍ୟାପକ ସଲିଲ କୁମାର ପ୍ରଧାନ ଯୋଗଦେଇ ନାରୀବାଦ ଓ ଲିଙ୍ଗଗତ ସମାନତା ସମ୍ପର୍କରେ ଆଲୋଚନା କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଲିଙ୍ଗଗତ ସମାନତା ବିନା ସମାଜର ବିକାଶ ଅସମ୍ଭବ ବୋଲି ପ୍ରକାଶ କରିଥିଲେ। ପରେ ବିଭାଗୀୟ ଅଧ୍ୟାପିକା ବିବିତା ପ୍ରଧାନ ନାରୀବାଦ ଓ ଲିଙ୍ଗଗତ ସମାନତା ଉପରେ ଆଲୋଚନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମାଜରେ ନାରୀ ନିର୍ଯାତନାକୁ ନେଇ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା।

# ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର

ଅନୁଗୋଳ,୮।୪(ଦିବ୍ୟଶାନ୍ତନୁ ନାଥ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଅନୁଗୋଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲାର ୨ଟି ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ମୋଟ ୪୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଅନୁଗୋଳ ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ଶିବିରରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିର ଡା. ସତ୍ୟବ୍ରତ ପଟ୍ଟଯୋଶୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ସେହିଭଳି ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଠାରେ ଆୟୋଜିତ ଶିବିରରେ ୨୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ଡା. କୌଶିକ ପାତ୍ର ଶିବିର ପରିଚାଳନା କରିଥିଲେ। ଉଭୟ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରକ୍ତଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରକ୍ତଦାନର ଆବଶ୍ୟକତା ଉପରେ ସଚେତନ କରାଯାଇଥିଲା।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ପାର୍କରେ ଅସଂଯତ ଅବସ୍ଥାରେ ପ୍ରେମୀଯୁଗଳ

**ତାଗିଦ୍ କରି ପରିବାର ଜିମା ଦେଲା ପୋଲିସ**

ଅନୁଗୋଳ,୮।୪ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରର ଏକ ପାର୍କରେ ବୁଧବାର ଅସଂଯତ ଅବସ୍ଥାରେ ଥିବା ପ୍ରେମୀ ଯୁଗଳଙ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିଲା। ଅପରାହ୍ନ ପ୍ରାୟ ୩ଟାରେ ପାର୍କ ଭିତରକୁ ଯାଉଥିବା କେତେଜଣ ଲୋକ ଏପରି ଅବସ୍ଥାରେ ପ୍ରେମୀ ଯୁଗଳଙ୍କୁ ଦେଖି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଏ ନେଇ ଅନୁଗୋଳ ଥାନାକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରେମୀ ଯୁଗଳଙ୍କୁ ଥାନାକୁ ନେଇ ବୁଝାଶୁଝା କରିଥିଲା। ପରେ ତାଗିଦ୍ କରିବା ସହ ସେମାନଙ୍କ ପରିବାର ଲୋକଙ୍କୁ ଡାକି ହସ୍ତାନ୍ତର କରିଥିଲା। ଉକ୍ତ ପାର୍କରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଅଭାବରୁ ଏପରି ଘଟଣା ବାରମ୍ବାର ଘଟୁଛି। ନିଛାଟିଆ ସ୍ଥାନ ଦେଖି ପ୍ରେମୀ ଯୁଗଳ ଏପରି କାର୍ଯ୍ୟରେ ଲିପ୍ତ ହେଉଥିବା ଅଭିଯୋଗ ହେଉଛି। ଏହା ପୂର୍ବରୁ ମଧ୍ୟ ଏହି ପାର୍କରୁ କିଛି ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇ ସହରରେ ଚର୍ଚ୍ଚାର ବିଷୟ ହୋଇଥିଲା। ତେଣୁ ବାରମ୍ବାର ଏପରି ଘଟଣା ଘଟୁଥିବାରୁ ଉକ୍ତ ପାର୍କରେ ସିସିଟିଭି କ୍ୟାମେରା ଲଗାଯିବା ସହ ସୁରକ୍ଷାରକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଗ୍ରାମାଞ୍ଚଳର ବିକାଶ ଉପରେ ଗୁରୁତ୍ୱ



ସନ୍ତ୍ରୀଛକ,୮।୪(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲ୍ଲା ବଣ୍ଣଁରପାଳ ବ୍ଲକ ଅନ୍ତର୍ଗତ ମହୀଧରପୁର ପଞ୍ଚାୟତର ଗ୍ରାମ ଚଉପାଢ଼ୀଠାରେ ବୁଧବାର ପଲ୍ଲିସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ଓ ସ୍ଥାନୀୟ ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ସଭାରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ୯ ନମ୍ବର ୱାର୍ଡର ବାଇଧର ବେହେରାଙ୍କ ଘରଠାରୁ ଜ୍ୟୋତି ବିଶ୍ୱାଳ ଓ ଗଗନ ପୃଷ୍ଟିଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଏବଂ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଗ୍ରାମବାସୀ ପ୍ରସ୍ତାବ ଦେଇଥିଲେ। ଏଥିସହ ଗ୍ରାମର ଆଭ୍ୟନ୍ତରୀଣ ରାସ୍ତା ନିର୍ମାଣ ଓ ଡ୍ରେନେଜ୍ ବ୍ୟବସ୍ଥା ଉପରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ସ୍ୱଚ୍ଛତା ବଜାୟ ପାଇଁ ପଲ୍ଲିସଭାରେ ସଙ୍କଳ୍ପ ନିଆଯାଇଥିଲା। ଆଗାମୀ ଆର୍ଥିକ ବର୍ଷ ପାଇଁ ନୂତନ ହିତାଧିକାରୀଙ୍କ ନାମ ଚୟନ ଓ ଆବାସ ଯୋଜନାର ଅଗ୍ରଗତି ସମ୍ପର୍କରେ ୱାର୍ଡ ସଭ୍ୟ ସୂଚନା ଦେଇଥିଲେ। ଯୋଗ୍ୟ ବ୍ୟକ୍ତି ଯେପରି ସରକାରୀ ସହାୟତାରୁ ବଞ୍ଚିତ ନ ହେବେ, ସେଥିପ୍ରତି ପ୍ରଶାସନ ସଜାଗ ରହିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଏହି ପଲ୍ଲୀସଭାରେ ଜନସାଧାରଣଙ୍କ ବ୍ୟାପକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ସ୍ଥାନୀୟ ସରପଞ୍ଚ ଇକି ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଶିକ୍ଷା ସଚେତନତା ରଥକୁ ସ୍ୱାଗତ


ଶିକ୍ଷା ସଚେତନତା ରଥକୁ ବିଦ୍ୟାଳୟରେ ସ୍ୱାଗତ କରାଯାଉଛି।

ବଇଣ୍ଡା, ୮।୪ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଅଙ୍ଗପଡ଼ା ତୁରୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଇଛି। ଏଥିରେ ସିଆର୍‌ସିସି ଆଲୋକ କୁମାର ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହେରା, ଚିତ୍ତରଞ୍ଜନ ରାଉ଼ଳ, ରାକେଶ ଦେହୁରୀ, ଦେବାଶିଷ ବେହେରା, ଅନୁରାଧା ନାୟକ, ଜୟଶ୍ରୀ ଭବାନୀ ପ୍ରଧାନ, ଊର୍ମିଳା ପଣ୍ଡା ଯୋଗଦେଇ ରଥକୁ ସ୍ୱାଗତ କରିଥିଲେ। କିପରି ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସି ପାଠ ପଢ଼ିବେ ସେ ନେଇ ଉକ୍ତ ରଥ ସଚେତନ କରିଥିଲା।

# ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ସୁଧାରିବାକୁ ଦାବି

**୧୫ ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ**

ଅନୁଗୋଳ,୮।୪ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦେଖାଦେଇଥିବା ବିଭିନ୍ନ ଅବ୍ୟବସ୍ଥାକୁ ନେଇ ରୋଗୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ତୁରନ୍ତ ଏହାକୁ ସୁଧାରିବାକୁ ସ୍ଥାନୀୟ ଲୋକେ ଓ କେତେଜଣ ସାମାଜିକ କର୍ମୀ ବୁଧବାର ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ମୁଖ୍ୟ ଚିକିତ୍ସାଳୟକୁ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ପରିଦର୍ଶନରେ ଯାଇ ଚିକିତ୍ସା ସେବା ଓ ସୁବିଧାରେ ବିଭିନ୍ନ ଅବ୍ୟବସ୍ଥା ଦେଖି ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ବିଦ୍ୟୁତ୍ ଅସ୍ଥିରତା, ଫ୍ୟାନ୍ ଓ ଏସି ଠିକ୍‌ଭାବେ କାମ ନ କରିବା ଓ ସୁରକ୍ଷା କର୍ମଚାରୀଙ୍କ ଅସନ୍ତୋଷଜନକ ବ୍ୟବହାର ଆଦି ଅବ୍ୟବସ୍ଥା ଦେଖିବାକୁ ପାଇଥିଲେ। ଖରାଦିନେ ତାପମାତ୍ରା ବଢୁଥିବା ସମୟରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ରୋଗୀ ଓ ସହଯୋଗୀମାନେ ବହୁ କଷ୍ଟରେ ରହୁଛନ୍ତି। ଫ୍ୟାନ୍ ଓ ଏସି ଅଚଳ ଥିବାରୁ ଗରମରେ ରୋଗୀମାନେ ଛଟପଟ ହେଉଛନ୍ତି। ଏହାସହିତ ପାର୍କିଂ ବ୍ୟବସ୍ଥା ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟମାନେ ଅସୁବିଧାରେ ପଡୁଛନ୍ତି। ଅନ୍ୟପଟେ ସୁରକ୍ଷା କର୍ମଚାରୀମାନେ ରୋଗୀଙ୍କ ପରିବାର ସଦସ୍ୟଙ୍କ ପ୍ରତି ଖରାପ ବ୍ୟବହାର କରୁଥିବା ଅଭିଯୋଗ ମଧ୍ୟ ଆସିଛି। ତେଣୁ ମୁଖ୍ୟ ଚିକିତ୍ସାଳୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ପାଇଁ ବଡ଼ ଜେନେରେଟର ବ୍ୟବସ୍ଥା, ସମସ୍ତ ଫ୍ୟାନ୍ ଓ ଏସିର ତତ୍କାଳ ମରାମତି, ପାର୍କିଂ ବ୍ୟବସ୍ଥା ଓ ସୁରକ୍ଷା କର୍ମଚାରୀଙ୍କ ବ୍ୟବହାରରେ ପରିବର୍ତ୍ତନ ଦାବି କରାଯାଇଛି। ଯଦି ୧୫ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଯାଏ, ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏହି ଦାବିପତ୍ର ପ୍ରଦାନ ବେଳେ ତାମଡାର ପୂର୍ବତନ ଅଧ୍ୟକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ଅନିଲ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଆନ୍ଦୋଳନକାରୀଙ୍କ ସହ ପ୍ରଶାସନର ଆଲୋଚନା ବିଫଳ

ଛେଣ୍ଡିପଦା,୮।୪ (ଅଜିତ ଧଳ)

ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର କୋଶଳା ଗ୍ରାମ ଦେଇ ନୈନି କୋଇଲା ଖଣିରୁ ଟ୍ରକ୍ ଯୋଗେ କୋଇଲା ପରିବହନକୁ ବିରୋଧ କରି କୋଶଳା ଗ୍ରାମବାସୀ ଆନ୍ଦୋଳନ ଚଳାଇଥିବାବେଳେ ସମାଧାନର ପନ୍ଥା ବାହାର କରିବାରେ ପ୍ରଶାସନ ଏଯାଏ ବିଫଳ ହୋଇଛି। ଏପରି କି ମଙ୍ଗଳବାର ରାତିରେ ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ଆନ୍ଦୋଳନସ୍ଥଳକୁ ଆସି ଆଲୋଚନା କରିଥିଲେ ହେଁ ଗ୍ରାମବାସୀ ବାଇପାସ୍ ରାସ୍ତା ନିର୍ମାଣ କରି କୋଇଲା ପରିବହନ କରାଯିବା ଜିଦ୍‌ରେ ଅଟଳ ରହିଛନ୍ତି।

ସୂଚନା ଅନୁଯାୟୀ, ଛେଣ୍ଡିପଦାସ୍ଥିତ ନୈନି କୋଇଲା ଖଣିରୁ କୋଶଳା ଗାଁ ମଧ୍ୟ ଦେଇ କୋଇଲା ପରିବହନକୁ ବିରୋଧ କରି ପ୍ରାୟ ଏକ ମାସ ହେବ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ ୬୩ନଂ ରାଜ୍ୟ ରାଜପଥରେ କୋଇଲା ଟ୍ରକ୍ ଚଳାଚଳ ଦାବିରେ ୩ଦିନ ହେବ ଆନ୍ଦୋଳନକୁ ଓହ୍ଲାଇଛି। ତେଣୁ ଯେ କୌଣସି ମୁହୂର୍ତ୍ତରେ ବଡ଼ଧରଣର ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ରାତି ପ୍ରାୟ ୧୦ଟା ବେଳେ ଛେଣ୍ଡିପଦା ତହସିଲଦାର ମାନସ ରାୟ, ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ ଓ ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାୟ ଧାରଣାସ୍ଥଳକୁ ଆସି ନୈନି କୋଇଲା ଖଣିରୁ ଉତ୍ତୋଳନ କରାଯାଇଥିବା କୋଇଲାକୁ ରାଜପଥରେ ଟ୍ରକ୍ ଯୋଗେ ପରିବହନ ପାଇଁ ଗ୍ରାମବାସୀଙ୍କୁ ବୁଝାଶୁଝା ଉଦ୍ୟମ କରିଥିଲେ। ଏହି ପରିବହନ ବେଳେ ପରିବେଶ ସୁରକ୍ଷା ପାଇଁ କି ପ୍ରକାର ପଦକ୍ଷେପ ନିଆଯିବ, ସେ ନେଇ ଗ୍ରାମବାସୀଙ୍କ ମତ ଲୋଡ଼ାଯାଇଥିଲା। ପ୍ରାୟ ୨ ଘଣ୍ଟା ଧରି ଗ୍ରାମବାସୀଙ୍କ ସହିତ ଆଲୋଚନା କରାଯାଇଥିଲା। ହେଲେ କୋଶଳା ଗ୍ରାମବାସୀ ବାଇପାସ୍ ରାସ୍ତା ନିର୍ମାଣ ଦାବିରେ ଅଟଳ ରହିବାରୁ ବୈଠକ ବିଫଳ ହୋଇଥିଲା। ଏ ନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିବା ପରେ ପୁଣି ଗ୍ରାମବାସୀଙ୍କ ସହିତ ଆଲୋଚନା କରାଯିବ ବୋଲି ତହସିଲଦାର ମାନସ ରାୟ ପ୍ରକାଶ କରିଛନ୍ତି। ଏହି ବୈଠକରେ କୋଶଳା ଗ୍ରାମ ସଭାପତି କୃତାର୍ଥ ଦେହୁରୀ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ, କୋଶଳା ସରପଞ୍ଚ ଉଦିତ ପ୍ରଧାନ, ସାମାଜିକ କର୍ମୀ ପ୍ରତାପ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।


ଆନ୍ଦୋଳନସ୍ଥଳରେ ପ୍ରଶାସନିକ ଓ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି।


**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ

ବନାମ

ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨

୨) ହୋଟେଲ ଗାଲାକ୍ସୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା ଟ.୫୩,୫୮,୯୦୪.୦୦ ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୩୦ ଦିନ ମଧ୍ୟରେ କିମ୍ବା ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ ୨୬ ମାର୍ଚ୍ଚ, ୨୦୨୬ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

